بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୪ ଅକ୍ଟୋବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

ଖନ୍ଦକ୍ ଯୁଦ୍ଧ ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର (ସଂକ୍ଷିପ୍ତ) ବର୍ଣ୍ଣନା । ଅଧିକନ୍ତୁ ବିଶ୍ୱର ଉତ୍କଟ ପରିସ୍ଥିତି ଓ ପାକିସ୍ତାନ, ବଙ୍ଗଳାଦେଶର ଅହେମଦିମାନଙ୍କ ନିମନ୍ତେ ଦୁଆ କରିବାକୁ ପ୍ରିୟ ହୁଜୁର ଅନଓ୍ୱର ଅ.ବଙ୍କର ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଯେପରିକି ଆଜିକାଲି ଖୁତ୍‌ବାରେ ମୁଁ ଅହଜାବ୍ (ଯୁଦ୍ଧର) ଚର୍ଚ୍ଚା କରୁଅଛି । ଅହଜାବ୍ (ଅମାନ୍ୟକାରୀଙ୍କ ଦଳ ସମୂହ) ଯୁଦ୍ଧର ଅଧିକ ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି ଯେ, ଯେତେବେଳେ ଅମାନ୍ୟକାରୀମାନଙ୍କୁ ଖନ୍ଦକ (ଗର୍ତ୍ତ) ଅତିକ୍ରମ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ ବରଂ ଭୀଷଣ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଲା ସେତେବେଳେ ସେମାନେ ସର୍ବସମ୍ମତିରେ ନିର୍ଣ୍ଣୟ ନେଲେ କି କାଲି ପ୍ରଭାତରେ ଆମେ ସମସ୍ତେ ଏକତ୍ର ଭାବରେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେବା । ସୁତରାଂ ପ୍ରଭାତରେ ଶତ୍ରୁ ପକ୍ଷ ଖନ୍ଦକକୁ ଘେରିନେଲେ ଏବଂ ଶତ୍ରୁ ଖନ୍ଦକ ଅତିକ୍ରମ କରିବାକୁ ବାରମ୍ବାର ପ୍ରୟାସ କରୁଥିଲା, ଅପର ପାର୍ଶ୍ୱରୁ ଉଭୟଦଳ ମଧ୍ୟରେ ଭୀଷଣ ତୀର ନିକ୍ଷେପ ମଧ୍ୟ ହେଉଥିଲା । ଅମାନ୍ୟକାରୀମାନେ ମୁସଲମାନମାନଙ୍କ ତରଫରୁ କୌଣସି ପ୍ରକାରର ଅବହେଳା ଓ ତ୍ରୁଟିର ଅପେକ୍ଷାରେ ଥିଲେ ଏବଂ ମୁସଲମାନମାନଙ୍କ ଉପରେ ଆକ୍ରମଣ ଓ ପ୍ରୟାସ କିଛି କିଛି ସମୟ ବ୍ୟବଧାନରେ (ସଙ୍ଘଟିତ) କରୁଥିଲେ । ଇତିମଧ୍ୟରେ ଓ୍ୱହ୍‌ଶି ବିନ୍ ହରବ୍ ତୁଫେଲ୍ ବିନ୍ ନୁଓ୍ୱମାନ୍ ଅବା ତୁଫେଲ୍ ବିନ୍ ମାଲିକ୍ ବିନ୍ ନୁଓ୍ୱମାନ୍ ଅନ୍‌ସାରୀ ର.ଅଙ୍କୁ ନିଜର ଛୋଟ ବର୍ଚ୍ଛା ମାରି ଶହିଦ୍ କରିଦେଲା । ହଜରତ ସାଦ୍ ବିନ୍ ମାଜ୍ ର.ଅଙ୍କୁ ମଧ୍ୟ ତୀର ବାଜିଲା ଏବଂ ସେ ମଧ୍ୟ କ୍ଷତାକ୍ତ ହୋଇଗଲେ । ସେହି ଆଘାତ ଯୋଗୁଁ ସେ କିଛିଦିନ ପରେ ଶହିଦ୍ ହୋଇ ଯାଇଥିଲେ ।

ତାହା ହିଁ ସେହି ଦିନ ଥିଲା, ଯେଉଁଦିନ ମୁସଲମାନମାନଙ୍କ ଉପରେ ଭୀଷଣ ଆକ୍ରମଣ ଓ ବ୍ୟସ୍ତବହୁଳତା ଯୋଗୁଁ ନମାଜ ନିଜ ଧାର୍ଯ୍ୟ ସମୟରେ ପାଠ କରିବା କଷ୍ଟକର ହୋଇଗଲା । ସେଦିନ ମୁସଲମାନମାନେ ନମାଜ ତ ପାଠ କରିଥିଲେ କିନ୍ତୁ ଜଣେ  ମୁସଲମାନ ଭୟ ଓ ଚିନ୍ତିତ ଅବସ୍ଥାରେ ନମାଜ ପାଠ କଲେ । ଅସର୍ ସମୟରେ ଆକ୍ରମଣ ଅଧିକ ତୀବ୍ରତର ହେବା ଯୋଗୁଁ ନମାଜ ଅସର୍ ଆତଙ୍କିତ ଅବସ୍ଥାରେ ପାଠ କରାଗଲା । ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବର.ଅ କୁହନ୍ତି; ସେପର୍ଯ୍ୟନ୍ତ ସୁଦ୍ଧା ସଲାତୁଲ୍ ଖୌଫ୍ ଆରମ୍ଭ ହୋଇ ନଥିଲା । ତେଣୁ କ୍ରମାଗତ ଆତଙ୍କ ପୂର୍ଣ୍ଣତା ଓ ବ୍ୟସ୍ତତା ଯୋଗୁଁ କେବଳ ଗୋଟିଏ ନମାଜ ଅର୍ଥାତ ନମାଜ୍ ଅସର୍ ଅସମୟରେ, ଯାହାକି ମଗରିବ୍ ସହିତ ମିଳିତ ଭାବରେ ପାଠ କରାଯାଇ ଥିଲା । ଆଉ କେତେକ ବର୍ଣ୍ଣନାନୁଯାୟୀ କେବଳ ଜୋହର୍ ଓ ଅସର୍ ନମାଜ୍ ଅସମୟରେ ପାଠ କରାଯାଇଥିଲା ।

ନମାଜ ସମୟରେ ପାଠ ନକରାଯିବା ସଂକ୍ରାନ୍ତରେ ହଜରତ ମୁସଲେହ ମଉଦର.ଅ କୁହନ୍ତି; ଏହି କାରଣରୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କୁ ଏତେ କଷ୍ଟ ପହଞ୍ଚି ଥିଲା ଯେ, ଆପଣସ.ଅ କହିଲେ; ପ୍ରଭୁ ଅମାନ୍ୟକାରୀଙ୍କୁ

ଦଣ୍ଡିତ କରନ୍ତୁ, କାରଣ ସେମାନେ ଆଜି ଆମର ନମାଜ ଖରାପ କଲେ ଅର୍ଥାତ ଧାର୍ଯ୍ୟ ସମୟରେ ପାଠ କରିବାରୁ ବଞ୍ଚିତ ରଖିଲେ । ଏଥିରୁ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ସ୍ୱଭାବ ସଂକ୍ରାନ୍ତରେ ବେଶ ଗଭୀର ଆଲୋକପାତ ହେଉଛି ଏବଂ ଏକଥା ଜ୍ଞାତ ହେଉଛି ଯେ, ସଂସାରରେ ଆପଣ ସ.ଅଙ୍କୁ ସବୁଠାରୁ ଅଧିକ ପ୍ରିୟ ପରମେଶ୍ୱରଙ୍କ ଉପାସନା କରିବା ଥିଲା ।

ଚଳିତ ଯୁଗର ନ୍ୟାୟ ବିଚାରପତି ହଜରତ ମସିହ ମଉଦଅ.ସ ଏସମସ୍ତ ବର୍ଣ୍ଣନାକୁ ଯେଉଁଥିରେ ସମସ୍ତ ନମାଜକୁ (ମୁସଲମାନମାନେ) ରାତ୍ରି ସମୟରେ ଏକତ୍ର ପାଠ କରିବା ଉଲ୍ଲେଖ ରହିଛି, ଦୁର୍ବଳ (ଅନନୁମୋଦିତ) ଦର୍ଶାଇଛନ୍ତି । ଆପଣଅ.ସ କହିଲେ; କୌଣସି ବିଶ୍ୱାସ ଯୋଗ୍ୟ ହଦିସ୍‌ରେ ଚାରୋଟି (ନମାଜ) ଏକତ୍ର ପାଠ କରିବା ଉଲ୍ଲେଖ ନାହିଁ । ଫଂତହୁଲ୍ ବାରୀ ସହି ବୁଖାରୀରେ ଉଲ୍ଲେଖ ରହିଛି, ଉକ୍ତ ଘଟଣାଟି ଏପରି ଘଟିଥିଲା ଯେ, ଗୋଟିଏ ନମାଜ ଅର୍ଥାତ ନମାଜ ଅସର୍ ନିଜ ଧାର୍ଯ୍ୟ ସମୟରୁ ପୃଥକ (ବେଳାରେ) ପାଠ କରାଯାଇଥିଲା । ହଜରତ ଜାବିର୍ ବିନ୍ ଅବ୍ଦୁଲ୍ଲାଃ ବର୍ଣ୍ଣନା କରନ୍ତି; ନବୀଶ୍ରେଷ୍ଠ ସୋମବାର, ମଙ୍ଗଳବାର ଓ ବୁଧବାର ଦିନ ଜୋହର୍ ଓ ଅସର୍ ମଧ୍ୟବର୍ତ୍ତୀ ସମୟରେ ପ୍ରସ୍ଥାନ କଲେ ଏବଂ ନିଜ ଉପରେ ଚଦର ରଖି ନିଜ ହସ୍ତ ଉର୍ଦ୍ଧ୍ୱଗାମୀ କଲେ ଏବଂ ଅହ୍‌ଜାବ୍ (ଅମାନ୍ୟକାରୀ ଦଳ)ଙ୍କୁ ଅଭିଶାପ ଦେଲେ । ଜାବିର୍ କୁହନ୍ତି; ଆମେମାନେ ଆପଣ ସ.ଅଙ୍କ ପବିତ୍ର ମୁଖମଣ୍ଡଳରୁ ଆନନ୍ଦ ସ୍ୱଷ୍ଟ ବାରି ନେଲୁ । ଆଉ ଏକ ବର୍ଣ୍ଣନାନୁଯାୟୀ ହୁଜୁରସ.ଅ କହିଲେ; "ତୁମେମାନେ ଶତ୍ରୁ ସହିତ ମୁହାଁମୁହିଁ ହେବାର ଅଭିଳାଷ କର ନାହିଁ ଏବଂ ଈଶ୍ୱରଙ୍କ ଠାରୁ ମଙ୍ଗଳ କାମନା କର । କିନ୍ତୁ ଯଦି ଶତ୍ରୁ ସହିତ ତୁମର ମୁହାଁମୁହିଁ ହୋଇଯାଏ ତେବେ ଧୈର୍ଯ୍ୟ ରକ୍ଷା କର ଏବଂ ଜାଣିରଖ ଯେ, ବୈକୁଣ୍ଠ (ତୁମ) ଖଣ୍ଡାର ନିମ୍ନ (ଧାର)ରେ ରହିଛି ।" ଆପଣସ.ଅ ଦୁଆ କଲେ "ହେ ଅଲ୍ଲାଃ ! ହେ ପୁସ୍ତକ ଅବତୀର୍ଣ୍ଣକାରୀ ! ହେ ହିସାବ ନେବାରେ ଚଞ୍ଚଳତା ଅବଲମ୍ବନକାରୀ ! ତୁମ୍ଭେ ଶତ୍ରୁ ପକ୍ଷକୁ ପରାଜିତ କର । ହେ ଅଲ୍ଲାଃ ! ଏମାନଙ୍କୁ ପରାଜିତ କର ଓ ସେମାନଙ୍କ ବିରୁଦ୍ଧରେ ଆମର ସାହାଯ୍ୟ କର । ଆଉ ଏକ ବର୍ଣ୍ଣନାରେ ଏହି ଦୁଆ ମଧ୍ୟ ଉଲ୍ଲେଖ ରହିଛି ଯେ, ହେ ଅଲ୍ଲାଃ ! ମୁଁ ତୁମ୍ଭକୁ ତୁମ ପ୍ରତିଶୃତି ଓ ପ୍ରତିଜ୍ଞାର ଦ୍ୱାହି ଦେଉଅଛି, ହେ ଅଲ୍ଲାଃ ! ଯଦି ତୁମ୍ଭେ ଇଚ୍ଛା କର ତେବେ (ଆମର) ଏହି ନମାଜ ବ୍ୟର୍ଥ ଯିବ ନାହିଁ ।"

ଅବୁ ସଈଦ୍ ଖୁଦ୍‌ରୀର.ଅ ବର୍ଣ୍ଣନା କରନ୍ତି, ଆମେମାନେ ହୁଜୁର ସ.ଅଙ୍କୁ କହିଲୁ; ହେ ଅଲ୍ଲାଃଙ୍କ ରସୁଲ୍ସ.ଅ ! କଳିଜା ମୁହଁକୁ ଆସି ଗଲାଣି । କ'ଣ ଆମ ନିକଟରେ କିଛି କହିବା ପାଇଁ ଶବ୍ଦ ବାକି ଅଛି ? ହୁଜୁରସ.ଅ ଉତ୍ତର ଦେଲେ ହଁ ! ଏହି ଦୁଆ କର ହେ ଅଲ୍ଲାଃ ! ଦୋଷ ମାର୍ଜନକାରୀ ଏବଂ ଆମ ଭୟପ୍ରଦ ଅବସ୍ଥା ଦୂର କରିଦିଅ ।

ଯୁଦ୍ଧ ଏହିପରି ନିଜ ଶିର୍ଷରେ ପହଞ୍ଚି ଯାଇଥିଲା ଏବଂ କୁରୈଶ ମକ୍କା ଓ ତାଙ୍କର ମିତ୍ର କବିଲା ଏବେ କ୍ରମାଗତ ଭାବରେ ଘେରାଉ କରିବା ଯୋଗୁଁ ଅତିଷ୍ଠ ହୋଇଯାଇଥିଲେ ଏବଂ ଶୀଘ୍ରାତି ଶୀଘ୍ର କୌଣସି ନିର୍ଣ୍ଣାୟକ ଆକ୍ରମଣ କରି ମୁସଲମାନମାନଙ୍କ ବିନାଶ (ମୂଳୋତ୍ପାଟନ) କରିବାକୁ ଚାହୁଁଥିଲେ । ଅମାନ୍ୟକାରୀଙ୍କ ସରଦାର ଯୁଦ୍ଧ କୌଶଳ ଓ ରଣନୀତି ପ୍ରସ୍ତୁତ କରୁଥିଲେ । **କିନ୍ତୁ ଅନ୍ୟ ପାର୍ଶ୍ୱରେ ପରମେଶ୍ୱର ସେମାନଙ୍କ ସମସ୍ତ ମନ୍ଦ ଉଦ୍ଦେଶ୍ୟକୁ ଧୂଳିଶାତ କରିବାର ନିଷ୍ପତ୍ତି କରିସାରି ଥିଲେ ।**

ହଜରତ ମିର୍ଜା ବଶିର୍ ଅହେମଦ ସାହେବର.ଅ କୁହନ୍ତି; ଜଣେ ବ୍ୟକ୍ତି ନୁଈମ୍ ବିନ୍ ମସଉଦ୍ ଯେ କି ଗତଫାନ୍ କବିଲାର ଶାଖା (କବିଲା) ଅଶ୍‌ଜା ସହିତ ସମ୍ପର୍କ ରଖୁଥିଲା, ଯେ ଏହି ଯୁଦ୍ଧରେ ମୁସଲମାନମାନଙ୍କ ବିପକ୍ଷରେ ଲଢୁଥିଲା କିନ୍ତୁ ସେ ଅନ୍ତରରୁ ମୁସଲମାନ ଥିଲା, ଅମାନ୍ୟକାରୀମାନେ ତାହାର ଇସଲାମ ଧର୍ମରେ ଦିକ୍ଷୀତ ହେବାରୁ ଅଜଣା ଥିଲେ । ଅତଏବ ସେ ଏହି ସୁବର୍ଣ୍ଣ ସୁଯୋଗରୁ ଉପକୃତ ହୋଇ ଏକଦା ସେ ମଦିନାରେ ପହଞ୍ଚିଗଲା ଏବଂ ସର୍ବପ୍ରଥମେ ବନୁ କୁରୈଜାଃ ନିକଟକୁ ଗଲେ । କାରଣ ଉକ୍ତ ଗୋଷ୍ଠୀ ସହିତ ତାଙ୍କର ଅତି ପୁରାତନ ସମ୍ପର୍କ ରହିଥିଲା ତେବେ ସେଠାରେ ପହଞ୍ଚି ସେ ତାଙ୍କ ସରଦାରକୁ କହିଲେ; ମୋ ମତରେ ତୁମେ ଏସବୁ କିଛି ଭଲ କାମ କଲ ନାହିଁ । ଅର୍ଥାତ ଗତଫାନ୍ କବିଲା (ଦଳ) ଓ କୁରୈଶ୍ ସହିତ ମିଳିତ ହୋଇ ହଜରତ ମୁହମ୍ମଦ ସ.ଅଙ୍କ ସହିତ ବିଶ୍ୱାସଘାତକତା

କଲ । ସେ ଦୁହେଁ ତ ଏହି ସ୍ଥାନରେ କିଛି ଦିନର ଅତିଥି ମାତ୍ର, କିନ୍ତୁ ତୁମେ ଏଠାକାର ସ୍ଥାୟୀ ବାସିନ୍ଦା । ସ୍ମରଣ ରଖ ! କୁରୈଶ୍ ଓ ଗତଫାନ୍ କବିଲା ଏହିସ୍ଥଳୁ ଗଲା ବେଳେ ମୁସଲମାନମାନଙ୍କ ଦୟା ଓ ଅନୁକମ୍ପାରେ ତୁମକୁ ଛାଡ଼ି ଚାଲିଯିବେ ତେଣୁ ତୁମେ ଏତିକି ଉଦ୍ୟମ କର ଯେ, ଜମାନତ୍ ଆକାରରେ କୁରୈଶ୍ ଓ ଗତଫାନ୍ ଠାରୁ କିଛି ଲୋକ ରଖିବାକୁ (ପ୍ରସ୍ତାବ) ଦିଅ ଯଦ୍ୱାରା ତୁମେ ନିଶ୍ଚିନ୍ତ ହୋଇପାରିବ ଯେ, ତୁମ ସହିତ କୌଣସି ବିଶ୍ୱାସଘାତକତା ହେବ ନାହିଁ । ଏଥିଅନ୍ତେ ନୁଈମ୍ ବିନ୍ ମସଉଦ୍ କୁରୈଶ୍ ନିକଟକୁ ଗଲେ ଏବଂ ସେମାନଙ୍କୁ କହିଲେ; ବନୁ କୁରୈଜାଃ ତୁମ ପ୍ରତି ଭୟଭୀତ ଏବଂ ତୁମର କିଛି ଲୋକଙ୍କୁ ନିଜ ଅଧୀନ କରି ରଖିବାକୁ ଚାହୁଁଛନ୍ତି କିନ୍ତୁ ତୁମେ କଦାପି ଏପରି କରିବ ନାହିଁ । ଏହିପରି କଥା ବନୁ ଗତଫାନ୍‌ଙ୍କୁ ମଧ୍ଯ କହିଲେ । ବିଧାତା (ପରମେଶ୍ୱର)ଙ୍କର ବିଧାନ ଏପରି ହେଲା କି ସେହିଦିନ କୁରୈଶ୍ ଓ ଗତଫାନ୍ ଏହି ଯୋଜନା କରୁଥିଲେ ଯେ, ମୁସଲମାନମାନଙ୍କ ଉପରେ ଚର୍ତୁପାର୍ଶ୍ୱରୁ ଏକକାଳୀନ ଆକ୍ରମଣ କରିଦେବେ ଯଦ୍ୱାରା ମୁସଲମାନମାନଙ୍କର ସଂଖ୍ୟାଲଘୁ ଦଳ ଏହାର ମୁକାବିଲା ନକରିପାରି ତଥା କୌଣସି ସ୍ଥାନରୁ ସେମାନଙ୍କର ଧାଡ଼ିଭଙ୍ଗ ହୋଇଯିବ । ଫଳତଃ ସେହି ମାର୍ଗ ଦେଇ ସେମାନେ ମଦିନାରେ ପ୍ରବେଶ କରିଯିବେ । ଏହି ରଣନୀତି ଅନ୍ତର୍ଗତ ବନୁ କୁରୈଜାଃ ନିକଟକୁ ବାର୍ତ୍ତା ପ୍ରେରଣ କରାଯିବାରୁ ସେ ପ୍ରତିଉତ୍ତରରେ କହିଲେ; କାଲି ତ ଆମର ସବତ୍ (ପ୍ରାର୍ଥନା)ର ଦିନ । ତେଣୁ ଆମେ କ୍ଷମା ଚାହୁଁଛୁ ଏବଂ ଏମିତି ମଧ୍ଯ ଯେପର୍ଯ୍ୟନ୍ତ ତୁମେ ନିଜର କିଛି ଲୋକ ଆମ ନିକଟରେ ଜମାନତ୍ ଆକାରରେ ରଖିବ ନାହିଁ, ଆମେ ଏହି ଆକ୍ରମଣରେ ସାମିଲ ହେବୁ ନାହିଁ । ଏକଥା ପ୍ରଚାର ହେବା ମାତ୍ରେ ଉଭୟ ପାର୍ଶ୍ୱ (ଦଳ)ରେ ନୁଈମ୍ ବିନ୍ ମସଉଦ୍‌ଙ୍କ କଥାର ସମର୍ଥନ ହୋଇଗଲା ଏବଂ ଉଭୟ ପାର୍ଶ୍ୱରେ ଭୀଷଣ କୋଳାହଳ ପରିବ୍ୟାପ୍ତ ହୋଇଗଲା । କୁରୈଶ୍ ଓ ବନୁ ଗତଫାନ୍ ଦଳ ଏହି ବାର୍ତ୍ତା ପ୍ରେରଣ କଲେ ଯେ, ଆମେ ତୁମ ପ୍ରସ୍ତାବରେ ରାଜି ନୁହଁ । ତୁମର ଆସିବାର ଅଛି ତ ଆସ ! ଏଥିରେ ବନୁ କୁରୈଜାଃ ଦଳକୁ ବିଶ୍ୱାସ ହୋଇଗଲା ଯେ, କୁରୈଶ୍ ଓ ଗତଫାନ୍‌ର ନିୟତ୍ (ଉଦ୍ଦେଶ୍ୟ) ଠିକ୍ ନୁହେଁ ଏବଂ ଏପରି ନୁଈମ୍‌ଙ୍କର ଏହି ଉପାୟ ସଫଳ ହୋଇଗଲା ।

ପୁନଶ୍ଚ ଅଲ୍ଲାଃତାଲାଙ୍କର ଭାଗ୍ୟଲେଖା ମୁସଲମାନମାନଙ୍କ ପକ୍ଷରେ କିଛି ଏପରି ପ୍ରତିୟମାନ ହେଲା ଯେ, ଦିନେ ଭୀଷଣ ଝଡତୋଫାନ ଆସିଲା । ତାହାର ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ଦିନେ ରାତିରେ ଭୀଷଣ ଜାଡ଼ ପଡୁଥିଲା ପରାକ୍ରମୀ ଅଲ୍ଲାଃତାଲା ସେହିଦିନ ରାତ୍ରିରେ ଏକ ମହାବିନାଶକାରୀ ଝଡ ପ୍ରେରଣ କଲେ, ଯାହାକି ଅମାନ୍ୟକାରୀଙ୍କ ହାଣ୍ଡିଗୁଡ଼ିକୁ ଚୁହ୍ଲିରୁ ଓଲଟାଇ ଦେଲା । ଉକ୍ତ ତୋଫାନ ଅମାନ୍ୟକାରୀଙ୍କ ନୟନ ଭରିଦେଲା । ସେମାନଙ୍କ ମଧ୍ଯରେ ଦୁର୍ବଳତା ଓ କାପୁରୁଷତା ସ୍ପଷ୍ଟ ପ୍ରତୀତ ହେଲା ଏବଂ ଅମାନ୍ୟକାରୀଙ୍କ ଅଣ୍ଟା ଭାଙ୍ଗିଗଲା ।

ହଜରତ ମିର୍ଜା ବଶିର୍ ଅହେମଦ ସାହେବ[ର.ଅ] ସେହି ତାଣ୍ଡବର ଲିଳା ଖେଳାଇ ଥିବା ଝଡ ସଂକ୍ରାନ୍ତରେ ବର୍ଣ୍ଣନା କରିବା ଅନ୍ତେ କୁହନ୍ତି, ସେହି ମହାପ୍ରଳୟକାରୀ ବିଭୀଷିକାକୁ ଅବଲୋକନ କରି ଅମାନ୍ୟକାରୀଙ୍କ ହୃଦୟ ଯାହାକି ପୂର୍ବରୁ ହିଁ ଦୀର୍ଘ ଦିନର ଘେରାଉ ଓ ପାରସ୍ପରିକ ଏକତାରେ ସୃଷ୍ଟି ହୋଇଥିବା ମତଭେଦକୁ ଅଧିକ ପ୍ରଖର କରିଦେଲା । ସେମାନଙ୍କୁ ଏକ ଏପରି ଧକ୍କା ଲାଗିଲା ଯେ, ସେମାନେ ଆଉ ନିଜକୁ ସମ୍ଭାଳି ପାରି ନଥିଲେ ଏବଂ ପ୍ରଭାତ ହେବା ପୂର୍ବରୁ ହିଁ ମଦିନାର ଆକାଶ ଅମାନ୍ୟକାରୀଙ୍କ ସେନାଙ୍କ ଧୂଳିଧୂସରରୁ ପରିଷ୍କାର ହୋଇଗଲା ।

ଯେତେବେଳେ ସେହି ଝଡବାତ୍ୟା ଅଧିକ ତୀବ୍ରତର ହେଲା ସେତେବେଳେ ଅବୁ ସୁଫୟାନ୍ ଆଖପାଖରେ ଥିବା କୁରୈଶର ସରଦାରମାନଙ୍କୁ ଡ଼ାକି କହିଲା, ଆମର ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି । ଏବେ ଏଠାରେ ଅଧିକ ଦିନ ଅଟକି ରହିବା ଉଚିତ୍ ହେବ ନାହିଁ, ତେଣୁ ଆମମାନଙ୍କୁ ଏଠାରୁ ଫେରିଯିବା ଉଚିତ୍ ହେବ ଏବଂ ମୁଁ ତ ଫେରି ଯାଉଛି । ଏହା କହି ସେ ନିଜ ଲୋକମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବାର ଆଦେଶ ଦେଲା । ସେଥିଅନ୍ତେ ନିଜ ଓଟ ଉପରେ ଆରୋହଣ କଲା ଏବଂ ତାହାର ବ୍ୟଗ୍ରତାର ଅବସ୍ଥା ଏପରି ଥିଲା ଯେ, ସେ ଓଟର ଗୋଡ଼ରେ ବନ୍ଧା ଯାଇଥିବା ରସି

ଖୋଲିବା ଭୁଲିଗଲା । ଯେତେବେଳେ ଆରୋହଣ କରି ଓଟକୁ ଆଗକୁ ଚଳାଇଲା ପାଇଁ ଚେଷ୍ଟା କଲା ସେତେବେଳେ ସେ କିଛି ହରକତ୍ କଲା ନାହିଁ । ସେହି ସମୟରେ ଅକରମା ବିନ୍ ଅବୁ ଜହଲ୍ ସାମାନ୍ୟ କ୍ରୋଧାକ୍ତି ଭଙ୍ଗିରେ କହିଲା, ଅବୁ ସୁଫୟାନ୍ ! ତୁମେ ଜଣେ ସେନାଧ୍ୟକ୍ଷ, ତଥାପି ସେନାକୁ ଛାଡ଼ି ପଳାୟନ କରୁଅଛ । କ'ଣ ତୁମକୁ ସେନାର କୌଣସି ପରୁଆ ନାହିଁ । ଏଥିରେ ଅବୁ ସୁଫୟାନ୍ ଲଜ୍ଜିତ ହୋଇ ଓଟ ଉପରୁ ଓହ୍ଲାଇ କହିଲା ଦେଖିନିଅ ! ମୁଁ ଯାଉ ନାହିଁ କିନ୍ତୁ ତୁମେମାନେ ଶୀଘ୍ର ବାହୁଡ଼ିବାର ପ୍ରସ୍ତୁତି କରିନିଅ । ତତ୍ ପଶ୍ଚାତ ଯେମିତି ଯେମିତି ଅନ୍ୟ ଗୋଷ୍ଠୀ ସମୂହକୁ ପ୍ରତ୍ୟାବର୍ତ୍ତନ କରିବାର ସୂଚନା ମିଳିଲା ସେମାନେ ମଧ୍ୟ ଫେରି ଯିବାର ପ୍ରସ୍ତୁତି ଆରମ୍ଭ କରିଦେଲେ । ବନୁ କୁରୈଜାଃ ମଧ୍ୟ ନିଜ ଦୁର୍ଗକୁ ପ୍ରତ୍ୟାବର୍ତ୍ତନ କରିଗଲା ଏବଂ ସେମାନଙ୍କ ସହିତ ବନୁ ନଜିର୍‌ର ସରଦାର୍ ହୁଇ ବିନ୍ ଅଖତବ୍ ମଧ୍ୟ ତାଙ୍କର ଦୁର୍ଗକୁ ଚାଲିଗଲା । ତା'ପରଦିନ ପାହାନ୍ତା ହେବା ପୂର୍ବରୁ ସମ୍ପୂର୍ଣ୍ଣ ପଡ଼ିଆଟି ଜନଶୂନ୍ୟ ଥିଲା ଏବଂ **ହଠାତ୍ ଓ ଏକ ଆଚମ୍ବିତକାରୀ ପରିବର୍ତ୍ତନ ସ୍ୱରୂପ ମୁସଲମାନମାନେ ବିଜୟ ମଣ୍ଡିତ ହେଲେ ।**

ଯେତେବେଳେ ହଜରତ ମୁହମ୍ମଦ [ସ.ଅ]ଙ୍କୁ ଅମାନ୍ୟକାରୀଙ୍କ ପରାଜିତ ହେବାର ସୂଚନା ମିଳିଲା ସେତେବେଳେ ଆପଣ[ସ.ଅ] ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ; ଏହା ଆମର କୌଣସି ପ୍ରୟାସର ପରିଣାମ ନୁହେଁ ବରଂ କେବଳ ପ୍ରଭୁଙ୍କ କୃପା ଓ ଅନୁକମ୍ପା ବଶତଃ । ଯେ ନିଜ ପରାକ୍ରମତାରେ ଅହଜାବ୍‌କୁ ପତିତ କରିଦେଲେ । ସେଥିଅନ୍ତେ ଅମାନ୍ୟକାରୀଙ୍କର ରଣକ୍ଷେତ୍ର ଛାଡ଼ି ପଳାୟନ କରିବା କଥା ପ୍ରଘଟ ହେଲା ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅହଜାବ୍ ଯୁଦ୍ଧର ପରବର୍ତ୍ତୀ ଘଟଣାବଳୀ ଆସନ୍ତାରେ ଆଲୋଚନା କରିବି । ଇନ୍ଶାଅଲ୍ଲାଃ । ତହୁଁ ବିଶ୍ୱର ଉକ୍ଟ ପରିସ୍ଥିତି ପାଇଁ ଦୁଆ କରିବାକୁ ଆହ୍ୱାନ ଜଣାଇଲେ । ଅଧିକନ୍ତୁ କହିଲେ; ବିଶ୍ୱର ଅବସ୍ଥା ଯେପରିକି ଆପଣମାନଙ୍କୁ ଜ୍ଞାତ ଅଛି ଦିନ ପ୍ରତିଦିନ ଶୋଚନୀୟ ହୋଇଚାଲିଛି, ବିଶ୍ୱବାସୀ ଧ୍ୱଂସାଭିମୂଖୀ ହୋଇ ଚାଲିଛନ୍ତି । ଆମେରିକା ଓ ଶକ୍ତିଶାଳୀ ରାଷ୍ଟ୍ରମାନେ ନ୍ୟାୟାଚାରଣ କରିବାକୁ ପ୍ରସ୍ତୁତ ନାହାନ୍ତି, ଯୁଦ୍ଧ ପ୍ରଶସ୍ତ ହୋଇଚାଲିଛି । ଅଲ୍ଲାଃତାଲା ଅହେମଦି ଓ ନିରୀହ ଲୋକମାନଙ୍କୁ ତାହାର ଭୟଙ୍କର ଓ କୁପରିଣାମରୁ ରକ୍ଷା କରନ୍ତୁ । ଏଥିପାଇଁ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ନିଜ ସମ୍ପର୍କକୁ ମଜବୁତ୍ କରିବାକୁ ହେବ ଏବଂ ଦୁଆ କରିବା ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ । ଏଥିପ୍ରତି ପ୍ରତ୍ୟେକ ଅହେମଦିଙ୍କୁ ମନୋଯୋଗ କରିବା ଉଚିତ୍ । ଯାହାକିଛି ଉକ୍ତ ଯୁଦ୍ଧରେ ଘଟିଥିଲା । ପାକିସ୍ତାନର ଅହେମଦିମାନଙ୍କ ଅବସ୍ଥା ମଧ୍ୟ ଅତି ଦୁର୍ଦ୍ଦଶାପୂର୍ଣ୍ଣ, ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ବଙ୍ଗଳାଦେଶର ଅହେମଦିମାନଙ୍କର ଅବସ୍ଥା ମଧ୍ୟ ସମାନ ରହିଛି, ସେମାନେ କଠୋର ଅବସ୍ଥା ମଧ୍ୟ ଦେଇ ଗତି କରୁଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ସକଳ ମାନବ ଜାତି ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

4th October 2024

*Translated to Odia by :* Moulavi Anwar Ahmad Khan